ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/SME(Od)/1299/22-11-2023

# ଗୋଷ୍ଠି ସହଭାଗିତାରେ ବିଦ୍ୟାଳୟର ଗୁଣାତ୍ମକ ବିକାଶ

## ସାରା ରାଜ୍ୟରେ ସମସ୍ତ ବିଦ୍ୟାଳୟରେ ଅଭିଭାବକ – ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା / ବିଦ୍ୟାଳୟ ପରିଚାଳନା ଏବଂ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୨୨/୧୧/୨୦୨୩:



ଆଜି ରାଜର ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ବିଦାଳୟରେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଅଭିଭାବକ – ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା / ବିଦ୍ୟାଳୟ ପରିଚାଳନା ଏବଂ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ୨୦୨୩-୨୪ ଶିକ୍ଷା ବର୍ଷର ଏହା ହେଉଛି ତୃତୀୟ ପି.ଟି.ଏମ ବୈଠକ ।

ଏଥିରେ ସମସ୍ତ ଅଭିଭାବକ, ଏସ.ଏମ୍.ସି. ଓ ଏସ.ଏମ, ଡିସିର ସଦସ୍ୟମାନେ ଯୋଗଦାନ କରିଥିଲେ । ଏହି ବୈଠକ ୨ଘଣ୍ଟା ବ୍ୟାପି ସମସ୍ତ ବିଦ୍ୟାଳୟରେ ଚାଲୁ ରହିଥିଲା । ବିଶେଷକରି 'ମୁଖମନ୍ତ୍ରୀ ଶିକ୍ଷା ପୁରସ୍କାର' ବିଷୟରେ ବିଶଦଭାବରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟରେ ଅନୁଷ୍ଠିତ Summative Assessment-I ରେ ପିଲାମାନଙ୍କର ଉପଲବ୍ଧିକୁ ଅଭିଭାବକମାନଙ୍କୁ ଅବଗତ କରାଯାଇଥିଲା । ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ବିକାଶ କରିବା ଓ ରାଜ୍ୟ ସରକାରଙ୍କ ତରଫରୁ ଛାତ୍ରଛାତ୍ରୀମାନଙ୍କର ଉନ୍ନତି ନିମନ୍ତେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଉକ୍ତ ବୈଠକରେ ଆଲୋଚନା ହୋଇଥିଲା ।




ପରିଶେଷରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଅଭିଭାବକମାନଙ୍କ ଠାରୁ ଆହ୍ୱାନ କରାଯାଇଥିଲା । ଏହି ବୈଠକରେ ପ୍ରାୟତଃ ୬୦ ପ୍ରତିଶତ ରୁ ଅଧିକ ଅଭିଭାବକମାନେ ଯୋଗଦେଇଥିଲେ ।

ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ତଥା ଗୋଷ୍ଠୀ ଓ ବିଦ୍ୟାଳୟରେ ଏକ ନିରନ୍ତର ସମ୍ପର୍କ ସ୍ଥାପନ କରିବା ଓ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ଉପଲବ୍ଧିକୁ ନିଶ୍ଚିତ କରିବାର ଏହା ଏକ ମାଧ୍ୟମ ଅଟେ ।



ସଚ୍ଚିଦାନନ୍ଦ ବେହେରା
ସୂଚନା ଅଧିକାରୀ